# ଜୟଦେବଙ୍କ ଗୀତ ଗୋବିନ୍ଦରେ ଶ୍ରୀଜଗନ୍ନାଥଙ୍କ ସ୍ୱରୂପ

● ଡ଼ଃ ରାମଚନ୍ଦ୍ର ମିଶ୍ର

ଜୟଦେବଙ୍କ ରଚିତ ଗୀତଗୋବିନ୍ଦ ବସ୍ତୁତଃ ଶ୍ରୀକୃଷ୍ଣ ଓ ରାଧାଙ୍କ ମଧ୍ୟରେ ରତିକେଳି କଥାର ବିଷୟବସ୍ତୁ ଉପରେ ଆଧାରିତ ହେଲେ ହେଁ କବି ତାଙ୍କର ରଚନାରେ ଶ୍ରୀଜଗନ୍ନାଥଙ୍କୁ ମୂଳକେନ୍ଦ୍ର କରିଛନ୍ତି । ଗୀତଗୋବିନ୍ଦର ପ୍ରଥମ ଶ୍ଳୋକରେ ରାଧାକୃଷ୍ଣଙ୍କର ଯୁଗଳ ମୂର୍ତ୍ତିର ସଙ୍କେତ ଦିଆଯାଇଛି । ତା ପରବର୍ତ୍ତୀ ଶ୍ଳୋକ ଓ ଗୀତ ଶ୍ରୀଜଗନ୍ନାଥଙ୍କୁ କେନ୍ଦ୍ର କରି ରଚିତ ହୋଇଥିବା କଥା ଗୀତଗୋବିନ୍ଦର ଟୀକାକାର ଶ୍ରୀଜଗନ୍ନାଥ ମିଶ୍ର ତାଙ୍କର ଟୀକାରେ ଦର୍ଶାଇଛନ୍ତି ।

ଜୟଦେବଙ୍କ ଦ୍ୱାରା ଗୃହୀତ ରାଧାକୃଷ୍ଣ ଯୁଗଳମୂର୍ତ୍ତି ଭାବଧାରାର ପ୍ରଥମ ପ୍ରଚାରକ ଥିଲେ ଶ୍ରୀନିମ୍ବାକାଚାର୍ଯ୍ୟ । ସେ ଦ୍ୱାଦଶ ଶତାବ୍ଦୀର ଶେଷ ଭାଗରେ ନିଜର ମତବାଦ ପ୍ରଚାର କରିଥିଲେ । ଭଣ୍ଡାରକରଙ୍କ ମତ ଅନୁସାରେ ରାମାନୁଜଙ୍କ ମହାପ୍ରୟାଣର ୨୫ ବର୍ଷ ପୂର୍ବରୁ, ଅର୍ଥାତ୍ ୧୧୬୨ ଖ୍ରୀଷ୍ଟାବ୍ଦରେ ତାଙ୍କର ମହାପ୍ରୟାଣ ଘଟିଥିଲା । ଶ୍ରୀନିମ୍ବାର୍କଙ୍କ ମତରେ ବ୍ରହ୍ମ ସଗୁଣ, ସର୍ବଗୁଣନିଧାନ, ସକଳଦୋଷରହିତ । ତାଙ୍କର ମତାନୁସାରେ ଶ୍ରୀକୃଷ୍ଣ ହିଁ, ବ୍ରହ୍ମ । ରାଧା ଶ୍ରୀକୃଷ୍ଣଙ୍କର ସହଧର୍ମିଣୀ । ରାଧା ଆତ୍ମା ଓ ଶ୍ରୀକୃଷ୍ଣ ପରମାତ୍ମା । ସେହି ରାଧାକୃଷ୍ଣ ଗୋଲକରେ ନିତ୍ୟଲୀଳା ପ୍ରବିଷ୍ଟ ହୋଇଛନ୍ତି । ନିମ୍ବାର୍କଙ୍କର ବ୍ୟାଖ୍ୟାରେ ବିଷ୍ଣୁଙ୍କ ସ୍ଥାନ କୃଷ୍ଣ ଓ ଲକ୍ଷ୍ମୀଙ୍କ ସ୍ଥାନ ରାଧା ଗ୍ରହଣ କରିଛନ୍ତି । ରାଧା ଶ୍ରୀକୃଷ୍ଣଙ୍କର କେବଳ ପ୍ରେମିକା ନୁହନ୍ତି, ସର୍ବଯୁଗରେ ତାଙ୍କର ପ୍ରେୟସୀ, ଦେବୀ ଓ ସହଚାରିଣୀ ବୋଲି ମଧ୍ୟ ସେ ଧାରଣା ଦେଲେ । ସାଧନାରେ ରାଧାକୃଷ୍ଣଙ୍କ ଆରାଧନା ପାଇଁ ପ୍ରପତ୍ତି ସର୍ବଶ୍ରେଷ୍ଠ ଉପାୟ ବୋଲି ନିମ୍ବାର୍କଙ୍କ ବ୍ୟାଖ୍ୟାରେ ପ୍ରତିପାଦିତ ହେଲା ।

ଶ୍ରୀମଦ୍ ଭାଗବତରେ ରାଧାଙ୍କର ସଙ୍କେତ ନଥିଲେ ହେଁ ଶ୍ରୀନିମ୍ବାର୍କ ଭାଗବତ ସଂପ୍ରଦାୟର ପଦ୍ଧତିରୁ ଆପଣାକୁ ଛିନ୍ନ କରି ରାଧାକୃଷ୍ଣଙ୍କର ଯୁଗଳ ଉପାସନାକୁ ଧରି ନେଲେ । ବ୍ରହ୍ମ ବୈବର୍ତ୍ତ ପୁରାଣ ଓ ଦେବୀ ଭାଗବତରେ ରାଧା ଶ୍ରୀକୃଷ୍ଣଙ୍କର ଦକ୍ଷିଣ ଅଙ୍ଗରୁ ଓ ଲକ୍ଷ୍ମୀ ତାହାଙ୍କର ବାମାଙ୍ଗରୁ ଜାତ ହୋଇଛନ୍ତି ବୋଲି ଦର୍ଶାଯାଇଛି । ଭଗବାନ ଶ୍ରୀକୃଷ୍ଣ ନିଜେ ଦୁଇଭାଗ ହୋଇ ଯାଇ ଚତୁର୍ଭୁଜ ବିଷ୍ଣୁ ଓ ଦ୍ୱିଭୂଜ କୃଷ୍ଣରେ ପରିଣତ ହୋଇଛନ୍ତି, ଏବଂ ରାଧାଙ୍କୁ ନିଜ ପାଖରେ ରଖି ଲକ୍ଷ୍ମୀଙ୍କୁ ଚତୁର୍ଭୁଜ ବିଷ୍ଣୁଙ୍କୁ ପ୍ରଦାନ କରିଛନ୍ତି । ଦେବୀ ଭାଗବତରେ ପ୍ରଦତ୍ତ ଏହି ଅଂଶଟି ନିମ୍ନ ଭାଗରେ ପ୍ରଦତ୍ତ ହେଲା -

**ପୂର୍ବେ ସୃଷ୍ଟି ପ୍ରାରମ୍ଭେ ରାସ ମଣ୍ଡଳରୁ ।**
**ପରମାତ୍ମା କୃଷ୍ଣଙ୍କ ବାମ ଭାଗଟିରୁ ।।**
**ସେ ସତୀ ଲକ୍ଷ୍ମୀଦେବୀ ହୋଇଲେ ଉତ୍ପନ୍ନା ।**
**ଅଟନ୍ତି ତ ପ୍ରତପ୍ତ ସୁବର୍ଣ୍ଣ ବରନା ।।**
**ମହାଲକ୍ଷ୍ମୀ ତାହାଙ୍କ ବାମାଂଶ ସମ୍ଭୂତା ।**
**ଶ୍ରୀ ରାଧିକା ଅଟନ୍ତି ଦକ୍ଷିଣାଂଶ ଜାତା ।।**
**ସେହିକ୍ଷଣି ରାଧିକା ହୋଇଲେ ଉତ୍ପନ୍ନା ।**
**ଦ୍ୱିଭୁଜ ପରାତ୍ପରେ କରିଲେ କାମନା ।।**
**ତଦନ୍ତେ ମହାଲକ୍ଷ୍ମୀ ସୁମନା ହୋଇଲେ ।**
**କମନୀୟ କୃଷ୍ଣଙ୍କୁ ପ୍ରାର୍ଥନା କରିଲେ ।।**
**ଦୁହିଁଙ୍କର ଗୌରବ ଦେଖିଣ ଶ୍ରୀକୃଷ୍ଣ ।**
**ବହିଲେ ଦୁଇ ରୂପ ହୋଇଣ ସନ୍ତୃଷ୍ଣ ।।**
**ଦକ୍ଷିଣ ଅଂଶ ମୂର୍ତ୍ତି ଶ୍ରୀକୃଷ୍ଣ ଦ୍ୱିଭୁଜ ।**
**ବାମାଂଶ ମୂର୍ତ୍ତି ହେଲେ ବିଷ୍ଣୁ ଚତୁର୍ଭୁଜ ।।**
**ଚତୁର୍ଭୁଜ ଶ୍ରୀନାରାୟଣଙ୍କୁ ସେକାଳେ ।**
**ମହାଲକ୍ଷ୍ମୀ ସତୀଙ୍କି କୃଷ୍ଣ ଦାନ କଲେ ।।**
**ଚତୁର୍ଭୁଜ ଶ୍ରୀନାରାୟଣ ଲକ୍ଷ୍ମୀକାନ୍ତ ।**
**ଏହିପରି ଦ୍ୱିଭୁଜ କୃଷ୍ଣ ରାଧାକାନ୍ତ ।।**
**ଶୁଦ୍ଧ ସତ୍ୱ ସ୍ୱରୂପ ଗୋପଗୋପୀଙ୍କରେ ।**
**ପରିବୃତ୍ତେ ରହିଲେ କୃଷ୍ଣ ଗୋଲକରେ ।।**
**ଚତୁରରାଜ ଚତୁର୍ଭୁଜ ନାରାୟଣ ।**
**ବୈକୁଣ୍ଠକୁ ଗମିଲେ ରମାଙ୍କୁ ଘେନିଣ ।।**
**ଶ୍ରୀକୃଷ୍ଣ ନାରାୟଣ ଏହି ବିଭୁ ଦୁଇ ।**
**ସର୍ବାଂଶରେ ସମାନ ଆହେ ଋଷିସାଇଁ ।।**

(ଦେବୀ ଭାଗବତ ଊନଚତ୍ୱାରିଂଶ ଅଧ୍ୟାୟ, ନବମ ସ୍କନ୍ଧ, ମହାଲକ୍ଷ୍ମୀ ଉପାଖ୍ୟାନ, ଅନୁବାଦ - ବାଲାଜି ରଣା, ପ୍ରକାଶକାଳ, ୧୯୬୫, ପୃ. ୯୮୭)

ଏହି ଆଲୋଚନାରୁ ଜଣାପଡୁଛି, ଦେବୀ ଭାଗବତରେ ଯେପରି କୃଷ୍ଣ ଏବଂ ନାରାୟଣଙ୍କର ଅଭିନ୍ନତା ପ୍ରକାଶ ପାଇଛି, ସେହିଭଳି ରାଧା ଏବଂ ଲକ୍ଷ୍ମୀଙ୍କର ମଧ୍ୟ ଏକତ୍ୱର ପରିପ୍ରକାଶ ଘଟିଛି । ତାହା ହିଁ ଜୟଦେବଙ୍କ ରଚନାରେ ପ୍ରତିଫଳିତ ହୋଇଛି । ସେ ରାଧା ଏବଂ ଲକ୍ଷ୍ମୀ, ବିଷ୍ଣୁ ଓ କୃଷ୍ଣଙ୍କ ମଧ୍ୟରେ ଅଭିନ୍ନତା ଦେଖି ପାରିଛନ୍ତି ।

ଜୟଦେବଙ୍କ ଦ୍ୱାରା ରଚିତ ଗୀତଗୋବିନ୍ଦରେ ପ୍ରଦତ୍ତ ନିମ୍ନ ଶ୍ଳୋକଟିରେ ଶ୍ରୀକୃଷ୍ଣ ଓ ଲକ୍ଷ୍ମୀଙ୍କ ସହିତ ଶେଷଦେବଙ୍କର ବର୍ଣ୍ଣନା ଦିଆଯାଇଛି । ସେହି ଶ୍ଳୋକଟି ହେଲା :-

**ପର୍ଯ୍ୟଙ୍କୀକୃତନାଗନାୟକଫଣାଶ୍ରେଣୀମଣୀନାଂ ଗଣେ ।**
**ସଂକ୍ରାନ୍ତପ୍ରତିବିମ୍ବସଙ୍କଳନୟା ବିଭ୍ରଦ୍‌ବପୁର୍ବିକ୍ରିୟାମ୍ ॥**
**ପାଦାମ୍ଭୋରୁହଧାରିବାରିଧିସୁତାମକ୍ଷ୍ଣାଂଦିଦୃକ୍ଷୁଃ ଶତୈଃ**
**କାୟବ୍ୟୂହମିବାଚରନ୍ନୁପଚିତାକୂତୋ ହରିଃ ପାତୁ ବଃ ॥**

(ଦ୍ୱାଦଶ ସର୍ଗ-୧୦)

ଶ୍ଳୋକଟିର ଅର୍ଥ ହେଲା - ବିଷ୍ଣୁ ଶେଷଶାୟୀ, ଅନନ୍ତ ତାହାଙ୍କ ପଲଙ୍କ । ନାଗରାଜ ଅନନ୍ତଙ୍କ ଅସଂଖ୍ୟ ଫଣାର ମଣିଦର୍ପଣରେ ଅନନ୍ତ ଶୟନ ବିଷ୍ଣୁଙ୍କର ପ୍ରତିବିମ୍ବ ନିପତିତ । ପାଦ ମଞ୍ଜାଳୁଛନ୍ତି ଲକ୍ଷ୍ମୀ । ପତ୍ନୀଙ୍କ ଅପରୂପ ଶୋଭା ସନ୍ଦର୍ଶନ କରିବାକୁ ବ୍ୟାକୁଳ ନାରାୟଣ ସତେଅବା କାୟବ୍ୟୂହ ରଚନା କରି ନିଜକୁ ବହୁ ଗୁଣିତ କରି ପ୍ରତିବିମ୍ବ ଛଳରେ ଶତଶତ ନେତ୍ରରେ ପ୍ରାଣପ୍ରିୟାକୁ ଦେଖିବାର ଲାଳସା ଚରିତାର୍ଥ କରୁଛନ୍ତି ।

ଗୀତଗୋବିନ୍ଦର ସରଳ ଅନୁବାଦରେ ଶ୍ଳୋକଟି ନିମ୍ନଲିଖିତ ଭାବରେ ପ୍ରଦତ୍ତ ହୋଇଛି :-

**ନାଗନାୟକର ଫଣାରେ କରି ପଲଙ୍କ ଶେଯ**
**ଶେଷନେତ୍ରାଲୋକେ ବଢ଼ାଇ ରମା ରୂପର ତେଜ**
**ଚରଣ କମଳ ସେବିକା କମଳାତନୁ ଲୀନ**
**ନିଜେ ବିଭା କରି ପୁଲକେ ପ୍ରଭୁ ତ୍ରିପୁରାନନ**
**ହେରି ହରି ଭୋଗି ଭୋଗରେ ଭୋଗି ହେଲେ ଉଷତ ॥**

ଏହି ଶ୍ଳୋକଟି ଓଡ଼ିଶା ସାହିତ୍ୟ ଏକାଡ଼େମୀ ଦ୍ୱାରା ପ୍ରକାଶିତ ଶ୍ରୀଜଗନ୍ନାଥ ମିଶ୍ରଙ୍କ ଟୀକାରେ ପ୍ରଦତ୍ତ ହୋଇନଥିଲେ ମଧ୍ୟ ଗୀତଗୋବିନ୍ଦର ଅନ୍ୟ ଟୀକାକାରଙ୍କର ମୂଳପାଠରେ ରହିଅଛି । ଏହି ସବୁ ଟୀକାକାରଙ୍କ ନାମ ଏବଂ ଟୀକାର ନାମ ନିମ୍ନରେ ପ୍ରଦତ୍ତ ହେଲା ।

| ନାମ | ଟୀକାର ନାମ | ସମୟ |
|---|---|---|
| ୧. ବୃହସ୍ପତିମିଶ୍ର (ବଂଗସୁଲତାନଜଲାଲୁଦ୍ଦିନ ମହମ୍ମଦସାହାଙ୍କରସଭାପଣ୍ଡିତ) | ଗୀତଗୋବିନ୍ଦଟୀକା | ଖ୍ରୀ.୧୪୧୫-୧୪୩୧ |
| ୨. ପ୍ରବୋଧାନନ୍ଦସରସ୍ୱତୀ | ଗୀତଗୋବିନ୍ଦବ୍ୟାଖାନମ୍ | ୧୪୭୦ |
| ୩. ବନମାଳୀଭଟ୍ଟ | ସଂଜୀବନୀ | ଷୋଡ଼ଶଶତାବ୍ଦୀ |
| ୪. ନାରାୟଣଭଟ୍ଟ | ପଦଦ୍ୟୋତନିକା | ୧୬୨୨ପୂର୍ବବର୍ତ୍ତୀ |
| ୫. ନାରାୟଣଭଟ୍ଟ | ରସତରଙ୍ଗିଣୀ | ୧୬୬୦ପୂର୍ବବର୍ତ୍ତୀ |
| ୬. ଚୈତନ୍ୟଦାସ | ବାଳବୋଧିନୀ | ସପ୍ତଦଶଶତାବ୍ଦୀ |
| ୭. ଲକ୍ଷ୍ମଣଭଟ୍ଟ | ରସିକରଙ୍ଗଦା | ୧୭୪୨ |
| ୮. ଚିଦାନନ୍ଦନାମାସଂନ୍ୟାସୀ | ଗୀତଗୋବିନ୍ଦଟିପ୍ପଣୀ | - |

ଏଠାରେ ଉଲ୍ଲେଖଯୋଗ୍ୟ ଏହି ଯେ, ଏହି ଶ୍ଳୋକର ଅନୁରୂପ ଶ୍ଳୋକ କାଶ୍ମୀର ପଣ୍ଡିତ ଶ୍ରୀ ଲକ୍ଷ୍ମଣ ଦେଶିକଙ୍କ ଲିଖିତ ଶାରଦା ତିଳକ ତଥା ସ୍କନ୍ଦ ପୁରାଣରେ ମଧ୍ୟ ଦେଖାଯାଏ । ଏହି ଶ୍ଳୋକ ଦୁଇଟି ନିମ୍ନରେ ଦିଆଗଲା ।

**ଦେବଂ ଶ୍ରୀପୁରୁଷୋତ୍ତମଂ କମଳୟା ସ୍ୱାଙ୍କସ୍ଥୟା ପଙ୍କଜମ୍ ।**
**ବିଭ୍ରତ୍ୟା ପରିରବ୍ଧମମ୍ବୁଜରୁଚା ତସ୍ୟାଂ ନିବଦ୍ଧେକ୍ଷଣମ୍ ॥**

(ଶାରଦା ତିଳକ ୧୭/୩୧)

**ନୃସିଂହଂ ଶାନ୍ତବପୁଷଂ ଲକ୍ଷ୍ମୀସଂସ୍ଥିତବକ୍ଷସମ୍ ।**
**ଚକ୍ରଂ ପିନାକଂ ଦଧତଂ ଚନ୍ଦ୍ରସୂର୍ଯ୍ୟାଗ୍ନିଚକ୍ଷୁଷମ୍**
**ଜାନୁପ୍ରସାରିତକରସରୋଜଦ୍ୱନ୍ଦମୁନ୍ନସମ୍ ।**
**ଯୋଗପଟ୍ଟସମାରୂଢ଼ଂ ଦ୍ୱାତ୍ରିଂଶଦ୍ଦଳପଦ୍ମକେ ।**
**ମନ୍ତ୍ରବର୍ଣ୍ଣମୟେ ମଧ୍ୟେ କର୍ଣ୍ଣିକାପ୍ରଣବୋଜ୍ଜ୍ୱଳେ ॥**
**ସୁଖାସୀନଂ ସାଟ୍ଟହାସଂ ବୀକ୍ଷନ୍ତଂ ଶ୍ରୀମୁଖାମ୍ବୁଜମ୍**
**ସଟାମଣ୍ଡିତବକ୍ତ୍ରାବ୍ଜଂ ଦିବ୍ୟରତ୍ନୋଜ୍ଜ୍ୱଳାକୃତିମ୍**
**ଫଣାସହସ୍ରଂ ବିସ୍ତାର୍ଯ୍ୟ ପଶ୍ଚାଚ୍ଛତ୍ରାକୃତିଂବିଭୋଃ ।**
**ଦଦର୍ଶ ବଳଭଦ୍ରଂ ତଂ ହଳଲାଙ୍ଗଳଧାରିଣମ୍ ।**

(ସ୍କନ୍ଦ ପୁରାଣ ୨୮/୨୫-୨୯)

ଶ୍ଳୋକଟିର ଓଡ଼ିଆ ଅନୁବାଦ ହେଲା :-

**ବିଧାତାଙ୍କ ନିକଟରୁ ରାଜା ଇନ୍ଦ୍ରଦ୍ୟୁମ୍ନ ।**
**ଯେତେବେଳେ ମନ୍ତ୍ରରାଜ କରିଲେ ଗ୍ରହଣ ॥**
**ନୃସିଂହ ଦେବ ଭୀଷଣ ମୂର୍ତ୍ତି ତ୍ୟାଗ କଲେ ।**
**ପ୍ରସନ୍ନ ମୂର୍ତ୍ତିରେ ସିଂହାସନେ ବିଜେ କଲେ ॥**
**କମଳା ଦେବୀ ଯେ ବକ୍ଷସ୍ଥଳେ ତାହାଙ୍କର ।**
**ଚନ୍ଦ୍ରସୂର୍ଯ୍ୟ ପରି ସ୍ୱଚ୍ଛ ନୟନ ଯୁଗଳ ॥**
**ଚକ୍ରଧନୁ ଏ ଦୁଇରେ ଶୋଭା ବେନି ହସ୍ତ ।**
**ଅନ୍ୟ ଦୁଇହସ୍ତ ଜାନୁ ଉପରେ ନିହିତ ॥**
**ଓଁକାର ରୂପ କର୍ଣ୍ଣିକା ମଧ୍ୟରେ ଶୋଭିତ ।**
**ମନ୍ତ୍ର ଅକ୍ଷର ଦ୍ୱିତ୍ରିଂଶ ଦଳରେ ବେଷ୍ଟିତ ॥**
**ପଦ୍ମମୁଖେ ମହାସୁଖେ ଉପବିଷ୍ଟ ହୋଇ ।**
**ଅଟ୍ଟ ଅଟ୍ଟହାସ୍ୟେ ଲକ୍ଷ୍ମୀ ବଦନକୁ ଚାହିଁ ॥**

**ଦିବ୍ୟରତ୍ନ ଅଳଙ୍କାରେ ଦେହ ସୁଶୋଭିତ ।**
**ଜଟା ସମୂହରେ ମୁଖପଦ୍ମ ବିରାଜିତ ॥**
**ହଳ ଲଙ୍ଗଳକୁ ହସ୍ତେ ବଳଭଦ୍ର ଧରି ।**
**ସହସ୍ର ଫଣା ମଣ୍ଡଳ ଛତ୍ରାକାର କରି ॥**
**ବିରାଜମାନ ନୃସିଂହ ଦେବଙ୍କ ପଛରେ ।**
**ଏହାଦେଖି ଇନ୍ଦ୍ରଦ୍ୟୁମ୍ନ ହରଷ ହୋଇଲେ ॥**

**(ସ୍କନ୍ଦ ପୁରାଣ, ଓଡ଼ିଆ ଅନୁବାଦ, ପଣ୍ଡିତ ହରିହର ମିଶ୍ର)**

ଉଭୟ ଶାରଦା ତିଳକ ଏବଂ ସ୍କନ୍ଦ ପୁରାଣର ଶ୍ଳୋକରେ ଲକ୍ଷ୍ମୀ ଶ୍ରୀ ଜଗନ୍ନାଥଙ୍କ କୋଳରେ (ନୃସିଂହଙ୍କ କୋଳରେ) ବସିଛନ୍ତି ବୋଲି ଦର୍ଶାଯାଇଛି ଏବଂ ବଳଭଦ୍ର ଶେଷନାଗ ଭାବରେ ତାଙ୍କ ପଛଭାଗରେ ଫଣା ଟେକି ରହିଛନ୍ତି । ମହାପ୍ରଭୁ ଲକ୍ଷ୍ମୀଙ୍କୁ ଅତ୍ୟନ୍ତ ପ୍ରୀତିପୂର୍ଣ୍ଣ ନୟନରେ ଚାହିଁ ରହିଛନ୍ତି । ଏହି ଶ୍ଳୋକର ମୂର୍ତ୍ତିମନ୍ତ ଚିତ୍ର ପୁରୀ ବଡ଼ଦେଉଳର ଗରୁଡ଼ ସ୍ତମ୍ଭ ସାମନାର ଉପର ଛାତରେ ଅଙ୍କିତ ହୋଇଛି । ଗୀତଗୋବିନ୍ଦର ଦ୍ୱାଦଶ ଶ୍ଳୋକ ଅନୁସାରେ ଭଗବାନ ଶେଷନାଗ ଉପରେ ଶୋଇ ରହି ଶେଷ ନାଗଙ୍କର ମଣିର ତେଜ ମଧ୍ୟରେ ତାଙ୍କ ପାଦ ମଞ୍ଚାଳୁ ଥିବା ମହାଲକ୍ଷ୍ମୀଙ୍କର ରୂପକୁ ପ୍ରୀତିପୂର୍ବକ ନୟନରେ ଚାହିଁ ରହିଛନ୍ତି । ପୁରୀ ବଡ଼ଦେଉଳର ରତ୍ନ ସିଂହାସନରେ ମହାପ୍ରଭୁଙ୍କର ଅବସ୍ଥିତି ଲକ୍ଷ୍ୟ କଲେ ଜଣାଯାଉଛି, ଉପର ମୁଣ୍ଡରେ ବଳଭଦ୍ର ଶେଷ ନାଗ ରହିଛନ୍ତି । ଭଗବାନ ଯଦି ରତ୍ନ ସିଂହାସନରେ ଶୋଇ ଅଛନ୍ତି ବୋଲି କଳ୍ପନା କରାଯାଏ, ମହାଲକ୍ଷ୍ମୀ ତାଙ୍କର ମଧ୍ୟଭାଗରେ ରହିଥିବାର ଲକ୍ଷ୍ୟ କରାଯିବ । ଅତଏବ ଶାରଦାତିଳକର ଶ୍ଳୋକ ଏବଂ ସ୍କନ୍ଦ ପୁରାଣର ଶ୍ଳୋକର ପ୍ରଭାବ ଜୟଦେବଙ୍କର ଗୀତ ଗୋବିନ୍ଦ ଉପରେ ପଡ଼ିଥିବାର ଅନୁମାନ କରାଯାଏ । ଶାରଦାତିଳକର କାଳକୁ ଯଦି ଧରି ନିଆଯାଏ, ଏହା ଗୀତଗୋବିନ୍ଦର କିଛି ସମୟ ଆଗରୁ ରଚିତ ବୋଲି ଧରାଯିବ । ସେହିଭଳି ସ୍କନ୍ଦପୁରାଣର କାଳ ନିର୍ଣ୍ଣୟରେ ଏହା ଦ୍ୱାଦଶ ଶତାବ୍ଦୀର ରଚନା ବୋଲି ଯଦି ଧରି ନିଆଯାଏ, ଏହା ଗୀତଗୋବିନ୍ଦର ସମସାମୟିକ ବୋଲି କୁହାଯିବ ।

ପୁନଶ୍ଚ ଶ୍ରୀମନ୍ଦିରରେ ଗୀତଗୋବିନ୍ଦର ବିଶେଷ ପ୍ରଚଳିତ ଗୀତ ହେଲା ଦୁଇଟି । ଗୋଟିଏ ହେଲା ଦଶାବତାର ସ୍ତୋତ୍ର ଏବଂ ଅନ୍ୟଟି ଶ୍ରିତକମଳା ଗୀତ । ଜୟଦେବ କୃଷ୍ଣଙ୍କର ଦଶ ଅବତାର କଥା ବର୍ଣ୍ଣନା କରି କହିଛନ୍ତି -

**ବେଦାନୁଦ୍ଧରତେ ଜଗନ୍ତି ବହତେ ଭୂଗୋଳମୁଦ୍‌ବିଭ୍ରତେ**
**ଦୈତ୍ୟାନ୍ ଦାରୟତେ ବଳିଂ ଛଳୟତେ କ୍ଷତ୍ରକ୍ଷୟଂ କୁର୍ବତେ**
**ପୌଲସ୍ତ୍ୟଂ ଜୟତେ ହଳଂ କଳୟତେ କାରୁଣ୍ୟମାତନ୍ୱତେ**
**ମ୍ଳେଚ୍ଛାନ୍ ମୂର୍ଚ୍ଛୟତେ ଦଶାକୃତିକୃତେ କୃଷ୍ଣାୟ ତୁଭ୍ୟଂ ନମଃ**

ଶ୍ରୀମଦ୍ ଭାଗବତରେ ଯେଉଁ ଅବତାର କଥା କୁହାଯାଇଛି, ସେହି ଅବତାରମାନ ହେଲେ-ବ୍ରହ୍ମା, ଶୂକର, ନାରଦ, ନରନାରାୟଣ, କପିଳ, ଦତ୍ତାତ୍ରେୟ, ଋଷଭଦେବ ୧ମ, ଋଷଭଦେବ ୨ୟ, ପୃଥୁରାଜ, ମତ୍ସ୍ୟ, କୂର୍ମ, ଧନ୍ୱନ୍ତରୀ, ମୋହିନୀ, ନରସିଂହ, ବାମନ, ପରଶୁରାମ, ବ୍ୟାସ, ରାମ, ରାମକୃଷ୍ଣ, ବୁଦ୍ଧ ଓ କଳ୍କୀ । ଏହି ଅବତାରମାନଙ୍କ ମଧ୍ୟରୁ ଶେଷ ଅବତାରଦ୍ୱୟ ଭବିଷ୍ୟତରେ ଜନ୍ମ ଲାଭ କରିବେ ବୋଲି କୁହାଯାଇଥିବା ବେଳେ ଅନ୍ୟ ଅବତାରମାନେ ଜନ୍ମ ହୋଇ ବିଭିନ୍ନ କର୍ମ କରିଥିବା କଥା କୁହାଯାଇଛି । ୮ମ ଶତାବ୍ଦୀରେ ଶଙ୍କରାଚାର୍ଯ୍ୟଙ୍କ ଦ୍ୱାରା ରଚିତ ଦଶାବତାର ସ୍ତୋତ୍ରରେ ଅବତାର ମାନଙ୍କ କ୍ରମ ଯୁକ୍ତିଯୁକ୍ତ ଭାବରେ ପ୍ରଦତ୍ତ ହୋଇଛି । ଶଙ୍କରାଚାର୍ଯ୍ୟ ଭାଗବତରେ ବର୍ଣ୍ଣିତ ବହୁ ଅବତାରର ଯଥାର୍ଥତା ନଥିବା ଉପଲବ୍ଧି କରି ତାକୁ ବାଦ ଦେଇ ମାତ୍ର ୧୦ଟି ଅବତାରର ସ୍ତୋତ୍ର ରଚନା କରିଥିଲେ । ଭାଗବତରେ ଉଲ୍ଲେଖଥିବା ବ୍ରହ୍ମା, ନାରଦ, ନରନାରାୟଣ, କପିଳ, ଦତ୍ତାତ୍ରେୟ, ଋଷଭ ୧ମ ଓ ୨ୟ, ପୃଥୁରାଜ, ଧନ୍ୱନ୍ତରୀ, ମୋହିନୀ ଓ ବ୍ୟାସ ଆଦି ଅବତାର ମାନଙ୍କୁ ସେ ଗ୍ରହଣ କରିନାହାନ୍ତି । ଭାଗବତରେ ପ୍ରଦତ୍ତ ରାମକୃଷ୍ଣ ଅବତାର ଉଭୟ ବଳରାମ ଓ କୃଷ୍ଣଙ୍କୁ ବୁଝାଉ ଥିବା ବେଳେ ଶଙ୍କରାଚାର୍ଯ୍ୟ ବଳରାମଙ୍କ ପରିବର୍ତ୍ତେ ଚକ୍ରୀ କୃଷ୍ଣଙ୍କୁ ଅବତାର ଭାବରେ ଗ୍ରହଣ କରି ମତ୍ସ୍ୟ, କଚ୍ଛପ, ବରାହ, ନୃସିଂହ, ବାମନ ଇତ୍ୟାଦି କ୍ରମରେ ସଜାଇ ସ୍ତୋତ୍ର ରଚନା କରିଛନ୍ତି । ସମ୍ଭବତଃ ସେହି ସମୟରୁ ଅବତାର ଦଶଟି ସଂଖ୍ୟାରେ ସୀମିତ ରହିଥିବାରୁ ଜୟଦେବ ତାଙ୍କ ଗୀତ ଗୋବିନ୍ଦରେ ଦଶ ଅବତାର ବର୍ଣ୍ଣନା କରିଛନ୍ତି ।

ଦଶଅବତାର ଶ୍ଳୋକରେ 'ଦଶାକୃତିକୃତେ କୃଷ୍ଣାୟ ତୁଭ୍ୟଂ ନମଃ' ବୋଲି କହି ସ୍ତୁତି ଆରମ୍ଭ କରାଯାଇଥିଲେ ମଧ୍ୟ ପ୍ରତି ଅବତାରର ବାଖ୍ୟା ଶେଷରେ 'ଜୟ ଜଗଦୀଶ ହରେ' ଶବ୍ଦ ପ୍ରୟୋଗ କରାଯାଇଛି । ଜଗଦୀଶ ଶବ୍ଦ ଜଗନ୍ନାଥଙ୍କ ଶବ୍ଦର ଅନୁରୂପ ହୋଇଥିବାରୁ ଏହି ସ୍ଥଳରେ ଜଗନ୍ନାଥଙ୍କ ଉଦ୍ଦେଶ୍ୟରେ ହିଁ ସ୍ତୁତି କରାଯାଇଛି ବୋଲି ବୁଝିବାକୁ ହେବ ।

ଜୟଦେବଙ୍କର ରଚିତ ଗୀତଗୋବିନ୍ଦର ଟୀକାକାର ଶ୍ରୀଜଗନ୍ନାଥ ମିଶ୍ର ତାଙ୍କର ଦଶାବତାର ସ୍ତୁତି ଟୀକାରେ ଜଗନ୍ନାଥଙ୍କୁ ହିଁ ପ୍ରତିଭାତ କରାଇଥିବାର ଜଣାଯାଏ । ପ୍ରଥମ ଅବତାର ମୀନରୂପର ବ୍ୟାଖ୍ୟାରେ ଜଗନ୍ନାଥ ମିଶ୍ର ଟୀକା କରି ଲେଖିଛନ୍ତି, ତୁମେ ସ୍ୱପ୍ରକାଶ, ତୁମର ଦେହ ଦୃଶ୍ୟ ନାହିଁ, ତଥାପି ତୁମର ସଂସାର କ୍ରୀଡ଼ା ଅର୍ଥକୁ କାରଣ ଯେ ବେଦ (ତାହା ଭଗବାନଙ୍କ ବଚନ) ତାହା ମୀନ ଦେହ ଧରି ଧଇଲ । ଯେପରି

ବଣିଜର ନାବ ବଣିକ ବୋହିବାରେ ଖେଦ ପାଏ ନାହିଁ, ତାର ସକଳ ବସ୍ତୁ ବଣିଜର ସହିତ କୂଳରେ ନେଇ ଥୁଆଇ ଦିଏ, ସେହିପରି ଆପଣ ଆପଣଙ୍କର ମାୟାବଳରେ ଗଠିତ ଏହି ସୃଷ୍ଟିକୁ ରକ୍ଷା କରିବା ପାଇଁ ସୃଷ୍ଟିମୟ ବେଦକୁ ଧରି ସଂସାର ରକ୍ଷା କଲେ । ଏବେ ତୁମର ଭକ୍ତ ଜନମାନଙ୍କୁ ସେହି ମତ କରି ଭବ ସମୁଦ୍ରର ଜନ୍ମ ମରଣ ଦୁଃଖରୁ ପାରିକର ।

ସେହିଭଳି ନରସିଂହ ରୂପର ସ୍ତୁତିରେ କୁହାଯାଇଛି, ହେ କେଶବ । ତୁମର ହସ୍ତ, ପଦ୍ମମାନଙ୍କର ଶ୍ରେଷ୍ଠ, ଅତ୍ୟନ୍ତ କୋମଳ । ସେ କର ପଦ୍ମ ଉପରେ ପାଖୁଡ଼ା ମାନଙ୍କ ପ୍ରାୟେ ଅଙ୍ଗୁଳିମାନ ଓ ତାହାଙ୍କ ଉପରେ ନଖମାନେ ଅତ୍ୟନ୍ତ ଅଦ୍‌ଭୂତ ଶୃଙ୍ଗ ପ୍ରାୟ ହୋଇଲେ । ପୁଷ୍ପମାନଙ୍କୁ ଯେପରି ଭ୍ରମର ବଶ କରେ, ତୁମେ ସେହିପରି ହରିଣ୍ୟକଶିପୁର ଦେହ ଭୃଙ୍ଗ ପୁଷ୍ପକୁ ନରହରି ରୂପରେ ଦଳିଲ ।

ଏଠାରେ ସ୍ମରଣ କରାଇ ଦିଆଯାଇ ପାରେ ଯେ, ମହାପ୍ରଭୁଙ୍କର ବଡ଼ ସିଂହାର ବେଶରେ ଯେଉଁ କରପଲ୍ଲବ ଲାଗି ହୁଏ, ତାହାକୁ ଦେଖିଲେ ତାହା ସ୍ପଷ୍ଟଭାବରେ ଅଙ୍ଗୁଳିମାନଙ୍କ ଉପରେ ଶୃଙ୍ଗ ପ୍ରାୟ ନଖ ଭଳି ପ୍ରତୀୟମାନ ହୁଏ । ଆହୁରି ଉଲ୍ଲେଖ ଯୋଗ୍ୟ ଏହି ଯେ, ମହାପ୍ରଭୁଙ୍କର ନବକଳେବର ନୃସିଂହ ମନ୍ତ୍ରରେ ହିଁ କରାଯାଏ । ଅତଏବ ସେ ମୂଳତଃ ନୃସିଂହ ଏବଂ ରାଜା ଇନ୍ଦ୍ରଦ୍ୟୁମ୍ନ ତାହାଙ୍କୁ ସେହି ରୂପରେ ଦେଖିଥିଲେ ବୋଲି ସ୍କନ୍ଦ ପୁରାଣରେ ଉଲ୍ଲେଖ କରାଯାଇଛି ।

ବାମନାବତାର ଟୀକାରେ କୁହାଯାଇଛି, ତୁମେ ବିକ୍ରମାବତାରରେ ଅଦ୍ଭୁତ ବାମନରୂପ ଧରି ବଳିକୁ ଦଳିଲ । ସେହି ବାମନରୂପ ଅତ୍ୟନ୍ତ ଖର୍ବ, ଦ୍ୱାଦଶାଙ୍ଗୁଳ ପ୍ରମାଣ ଦେହ । ପୁରୁଷସୂକ୍ତ ଅନୁସାରେ ସେହି ପୁରୁଷ ଦ୍ୱାଦଶାଙ୍ଗୁଳ ପ୍ରମାଣ ଦେହରେ ଅବସ୍ଥାନ କରୁଛନ୍ତି (ଯତ୍ତିଷ୍ଠତି ଦଶାଙ୍ଗୁଳଂ) । ସେ ଦେହ ନାଭିପଦ୍ମରୁ ପାଦଗୋଟି ବାହାର ହୋଇ ପଞ୍ଚାଶ କୋଟି ଯେ ପୃଥିବୀ, ତାହାକୁ ଆବରଣା ଯେ ବ୍ରହ୍ମାଣ୍ଡ କଟି, ତହିଁରେ ବାଜି ପ୍ରକୃତି ଭୂବନ ପର୍ଯ୍ୟନ୍ତ ଶବ୍ଦ କଲା । ସେ ପ୍ରକୃତି ଭୁବନ ଯେତେ ଅନ୍ତରେ ଅଛି, ତାହା ହେଲା - ଆଦ୍ୟରେ ସପ୍ତଦ୍ୱୀପାବଳୀ ପୃଥିବୀ, ତାହାକୁ ଆବରଣ କରି ତାର ଦଶଗୁଣ ପ୍ରମାଣେ ଭେଦିଛି କାରୁଣ୍ୟ ଜଳ, ସେ ଜଳକୁ ଦଶଗୁଣ ପ୍ରମାଣ ଆବୋରିଛି ଅନଳ, ଅନଳକୁ ଦଶଗୁଣ ପ୍ରମାଣେ ଆବୋରିଛି ପବନ, ପବନକୁ ଦଶଗୁଣ ପ୍ରମାଣେ ଆବୋରିଛି ଗଗନ, ଗଗନକୁ ଦଶଗୁଣ ପ୍ରମାଣେ ଆବୋରିଛି ମନ, ମନକୁ ଦଶଗୁଣ ପ୍ରମାଣେ ଆବୋରିଛି ଅହଙ୍କାର, ଅହଂକାରକୁ ଦଶଗୁଣ ପ୍ରମାଣେ ଆବୋରିଛି ମହତ୍ତତ୍ତ୍ୱ, ଏହାକୁ ବୁଦ୍ଧି ବୋଲି କୁହାଯାଏ । ଏହି ବୁଦ୍ଧିତତ୍ତ୍ୱ ଦଶଗୁଣର ପ୍ରକୃତି ବାମନଙ୍କର ପାଦାଘାତରେ ଏତେ ଦୂର ପର୍ଯ୍ୟନ୍ତ କମ୍ପିଗଲା ।ତେଣୁ ତାହା ଅଦ୍‌ଭୂତ । ସେ ପାଦ ପଦ୍ମର ନଖ ଲାଗି ବ୍ରହ୍ମାଣ୍ଡ ଭାଜି ଯେ ନୀର (କାରୁଣ୍ୟ ଜଳ) ବ୍ରହ୍ମାଣ୍ଡ ଭିତରକୁ ପଶୁଛି, ତାହା ଆକାଶରେ ମନ୍ଦାକିନୀ, ମର୍ତ୍ତ୍ୟରେ ଗଂଗା ଓ ପାତାଳରେ ଭୋଗବତୀ ନାମରେ ନାମିତ । ତାହା ତ୍ରୈଲୋକ୍ୟରେ ସ୍ଥିତ ଜନମାନଙ୍କୁ ପବିତ୍ର କରୁଛି ।

ଏଠାରେ ଉଲ୍ଲେଖ ଯୋଗ୍ୟ ଏହି ଯେ, ଶ୍ରୀଜଗନ୍ନାଥଙ୍କୁ ବାମନ ବୋଲି ବର୍ଣ୍ଣନା କରାଯାଇଛି । ଯାତ୍ରା ଭାଗବତ ଅନୁସାରେ :-

**ଦୋଳେ ଚ ଦୋଳଗୋବିନ୍ଦଂ ଚନ୍ଦନଂ ମଧୁସୂଦନଂ ।**
**ରଥେ ତୁ ବାମନଂ ଦୃଷ୍ଟ୍ୱା ପୁନର୍ଜନ୍ମ ନ ବିଦ୍ୟତେ ॥**

ହଳଧର ରୂପ ବର୍ଣ୍ଣନାରେ କୁହାଯାଇଛି, ହେ ଜଗଦୀଶ ! କୋଟି ଚନ୍ଦ୍ର ପ୍ରକାଶକ ଯେ ତୁମର ଦେହ, ତାହା ଅତ୍ୟନ୍ତ ଶୁକ୍ଳ । ସେ ଦେହରେ ତୁମେ ଜଳଦ ଯେ ନୀଳମେଘ, ତାହାର ଆଭାପ୍ରାୟ ବସନକୁ ବହିଛ । ତୁମେ ଯେତେବେଳେ ବୃନ୍ଦାବନରେ ଗୋବର୍ଦ୍ଧନ ପର୍ବତ ଉପରେ ବସି ଗୋପୀମାନଙ୍କୁ ଘେନି କ୍ରୀଡ଼ାର ରସରେ ଫୁଟି କାଦମ୍ବରୀ ପାନରେ ଭୋଳ ହୋଇ ଯମୁନା ନଦୀକୁ ତାଙ୍କର ସ୍ନାନ କରିବା ନିମନ୍ତେ ଯମୁନା ପର୍ବତକୁ ଡ଼ାକିଲ, ସେ ନଦୀ ନ ଆସିବାରୁ ହଳ ଘେନି ଶତଧାର କରିବାକୁ ବିଚାରିବାରୁ ନଦୀ ହଳଘାତ ତ୍ରାସରେ ତୁମର ପାଦ ପଦ୍ମ ତଳେ ମିଳିଲା ।

ଶ୍ରୀମନ୍ଦିରରେ ପୂଜିତ ବଳଦେବଙ୍କର ଆଭା ଶ୍ୱେତ ଚନ୍ଦ୍ର ପରି । ତାଙ୍କର ଦେହରେ ନୀଳମେଘ ସଦୃଶ ଲୁଗା ମଧ୍ୟ ଲାଗି କରାଯାଏ । ତାହାଙ୍କୁ ହଳଲଙ୍ଗଳଧାରୀ ବୋଲି ସ୍କନ୍ଦ ପୁରାଣରେ ବର୍ଣ୍ଣନା କରାଯାଇଛି । କେବଳ ସେତିକି ନୁହେଁ, ସେ ଅତ୍ୟନ୍ତ ଉଗ୍ର, ଆଶୁତୋଷ ମଧ୍ୟ । ସେ ଜଗନ୍ନାଥଙ୍କର ବଡ଼ଭାଇ । ତେଣୁ ତାଙ୍କର ଜନ୍ମ (ଶ୍ରାବଣ ପୂର୍ଣ୍ଣିମା) ଦିନ ହେବା ପରେ ଜନ୍ମାଷ୍ଟମୀ (ଭାଦ୍ରବ କୃଷ୍ଣ ଅଷ୍ଟମୀ)ରେ ଜଗନ୍ନାଥଙ୍କର (କୃଷ୍ଣଙ୍କର) ଜନ୍ମ ଦିନ ପାଳନ କରାଯାଏ । ସବୁଠାରୁ ଆଶ୍ଚର୍ଯ୍ୟର ବିଷୟ ଏହି ଯେ, ଜଗନ୍ନାଥ କୃଷ୍ଣଙ୍କୁ ଜନ୍ମ କରିବା ପାଇଁ ଯେଉଟ ଖାଆନ୍ତି । ଅର୍ଥାତ୍ ସେଦିନ ଯେଉଟ ଭୋଗ ଲାଗି ହୁଏ ।

ବୁଦ୍ଧାବତାର ବର୍ଣ୍ଣନାରେ କୁହାଯାଇଛି, ଯଜ୍ଞବିଧିରେ ପଶୁନାଶ ହେଉଥିବାରୁ ତୁମେ ଯଜ୍ଞ କର୍ମକୁ ନିନ୍ଦା କରିଥିଲ । ଯେଣୁ କରି ସମସ୍ତ ପ୍ରାଣୀମାନଙ୍କର ହୃଦୟରେ ପୂର୍ଣ୍ଣ ବ୍ରହ୍ମ ସ୍ୱରୂପ ହୋଇ ତୁମେ ପ୍ରକାଶ ହୋଇଅଛି, ତେଣୁ ଯଜ୍ଞବିଧିରେ ହେଉଥିବା ପଶୁଘାତକୁ ନିନ୍ଦାକରି କର୍ମମାନଙ୍କୁ ନିନ୍ଦା କଲ ଏବଂ ଜଗତକୁ

ଦୟା ସହିତ ଚିତ୍ତ ଦେଖାଇ କହିଲ, 'ହେ ପ୍ରାଣୀମାନେ, ଆମ୍ଭା ହିଂସା କଲେ ନାଶ ଯିବ' । ଏମନ୍ତ ବୋଧ ଜ୍ଞାନଦାତା ଶରୀରକୁ ଧରି ତୁମେ ଜଗତକୁ ଅଜ୍ଞାନ ଭାବରୁ ପାରି କର ।

ଶ୍ରୀଜଗନ୍ନାଥଙ୍କୁ ବୌଦ୍ଧାବତାର ଭାବରେ ମଧ୍ୟ ଦର୍ଶାଯାଇଛି । କେହି କେହି ଜଗନ୍ନାଥଙ୍କ ଠାରେ ବୁଦ୍ଧତ୍ୱ ମଧ୍ୟ ଆରୋପ କରନ୍ତି । ଆଉ କେତେକ ଗବେଷକ ଜଗନ୍ନାଥଙ୍କର ରଥଯାତ୍ରା ସହିତ ବୁଦ୍ଧଙ୍କର ରଥଯାତ୍ରାର ସଂପର୍କ ରହିଛି ବୋଲି ମଧ୍ୟ କହିଛନ୍ତି । ମାତ୍ର ସବୁଠାରୁ ଗୁରୁତ୍ୱ ପୂର୍ଣ୍ଣ ବିଷୟ ଏହି ଯେ, ଜଗନ୍ନାଥଙ୍କୁ ବୌଦ୍ଧାବତାର କରିବା ପାଇଁ ବୁଦ୍ଧଙ୍କ ସ୍ଥାନରେ ଜଗନ୍ନାଥଙ୍କ ମୂର୍ତ୍ତି ମଧ୍ୟ ମନ୍ଦିର ଗାତ୍ରରେ ରଖି ଦିଆଯାଇଛି । ଏହି ଘଟଣା କେବେ, କାହାଦ୍ୱାରା ଘଟିଲା ବା ତାହା ଜୟଦେବଙ୍କ ଗୀତଗୋବିନ୍ଦର ପ୍ରାଧାନ୍ୟ ଯୋଗୁଁ ଘଟିଲା, ତାହା କହିବା ସମ୍ଭବ ନୁହେଁ । ଏ ବାବଦରେ ଅଧିକ ଗବେଷଣା ଆବଶ୍ୟକ । ମାତ୍ର ଏତିକ କୁହାଯାଇପାରେ ଯେ, ଶ୍ରୀଜଗନ୍ନାଥ ସଂସ୍କୃତି ଏପରି ବ୍ୟାପକ ଯେ, ତାହା ଭାରତରେ ସମସ୍ତ ସଂସ୍କୃତିର ସମନ୍ୱୟ ହୋଇପାରିଛି । ତେଣୁ ତାଙ୍କୁ ବୌଦ୍ଧମାନେ ବୁଦ୍ଧ, ଜୈନମାନେ ଜିନ, ତାନ୍ତ୍ରିକମାନେ ଦକ୍ଷିଣକାଳିକା, ଶୈବମାନେ ଭୈରବ, ବୈଷ୍ଣବମାନେ ବିଷ୍ଣୁ, ଗାଣପତ୍ୟମାନେ ଗଣପତି, ସୌରମାନେ ସୂର୍ଯ୍ୟ ଇତ୍ୟାଦି କହି ନିଜ ନିଜର ଗୋଷ୍ଠୀର ଦେବତାଙ୍କ ସହିତ ଯୋଡ଼ିବାକୁ ଚେଷ୍ଟା କରିଛନ୍ତି । ଅତଏବ ଜଗନ୍ନାଥ ସବୁ ଧର୍ମ ସଂସ୍କୃତିରେ ନିଜକୁ ପ୍ରତିଷ୍ଠିତ କରିପାରିଛନ୍ତି ।

କଳ୍କି ଶରୀର ବର୍ଣ୍ଣନାରେ କୁହାଯାଇଛି, ତୁମେ କଳ୍କି ଶରୀର ଧାରଣ କରି ଜଗତକୁ ନିସ୍ତାର କରିବା ପାଇଁ, ମ୍ଳେଚ୍ଛମାନଙ୍କୁ ସଂହାର କରିବା ଉଦ୍ଦେଶ୍ୟରେ ବା ପାପୀ ପ୍ରାଣୀ ସମୂହ ନିଧନାର୍ଥେ ଧୂମକେତୁ ବା ଉଲ୍କା ପ୍ରାୟ କରାଳ କରବାଳ ଯେ ଖଡ୍ଗ, ତାହାକୁ ଧରିଲ । ହେ ଜଗଦୀଶ, ତୁମର ଏହି ରୂପ ଧ୍ୟାନକଲା ପ୍ରାଣୀମାନଙ୍କୁ ସଂସାର ଭୟରୁ ପାରି କର ।

କଳ୍କି ରୂପ ସହିତ ଜଗନ୍ନାଥ ଓ ବଳଭଦ୍ର ଉଭୟକୁ ସମନ୍ୱିତ କରାଯାଇଛି । ଜଗନ୍ନାଥ ଧଳା ଘୋଡ଼ାରେ ଓ ବଳଭଦ୍ର କଳାଘୋଡ଼ାରେ ଚଢ଼ି ମ୍ଳେଚ୍ଛ ସଂହାର କରିବେ ବୋଲି ପରବର୍ତ୍ତୀ କବିମାନେ ଧାରଣା ଦେଇଛନ୍ତି । ତାହାର ନିଦର୍ଶନ ସ୍ୱରୂପ ଜଗନ୍ନାଥଙ୍କ ରଥରେ ଧଳାଘୋଡ଼ା ଓ ବଳଭଦ୍ରଙ୍କ ରଥରେ କଳାଘୋଡ଼ା ମଧ୍ୟ ଯୋଚା ଯାଉଛି । ମହାପ୍ରଭୁଙ୍କୁ ମଧ୍ୟ ମହାକାଳ ସହିତ ତୁଳନା କରାଯାଇ ସୃଷ୍ଟି ସଂହାର କାଳରେ ସେ ଭୟଙ୍କର ରୂପ ଧାରଣ କରିବେ ବୋଲି ବର୍ଣ୍ଣନା କରାଯାଇଛି ।

ଶେଷରେ ଜୟଦେବ କହୁଛନ୍ତି, ହେ ବୈଷ୍ଣବମାନେ, ଶୁଣ, ଜୟଦେବର ଏ ବଚନ ସମସ୍ତ କବିତ୍ୱ ବଚନ ମାନଙ୍କରେ ଶ୍ରେଷ୍ଠ ଅଟଇ । ତାହା ସୁଖଦ, ମୋକ୍ଷ ଦିଏ । ଶୁଭଦ ଶୁଭକର୍ମ ମାନ ଦିଏ । ଅଶୁଭ ନାଶ କରେ । ପୁଣି ତାହା ଭବ ଯେ ଜନ୍ମ, ତହିଁର ସାର ଯେ ଜ୍ଞାନ, ତାହା ଦିଏ । ଏମନ୍ତ ହରି ଯେ କେଶବ ଦଶପ୍ରକାର ରୂପ ଧରିଲେ, ତାହାକୁ ଧ୍ୟାନ ଶ୍ରବଣାନୁସ୍ମରଣେ ଯମାଦି ଭୟରୁ ପ୍ରାଣୀମାନେ ପାର ହୁଅନ୍ତି ।

ଦ୍ୱିତୀୟ ଗୀତଟି ଯାହା ଜଗନ୍ନାଥଙ୍କର ଅତି ପ୍ରିୟ ତହିଁରେ କୁହାଯାଇଛି -

ହେ ହରେ । ତୁମେ ସମସ୍ତ ପ୍ରାଣୀମାନଙ୍କର ହୃଦୟ କମଳ ମଧ୍ୟେ ଆଶ୍ରୟ କରି ଚତୁଃବର୍ଗ ଦାତା ହୋଇ ବସିଛ । କର୍ଣ୍ଣରେ କୁଣ୍ଡଳ ଧାରଣ କରିଛ । ଦେହରେ ଗଳାଠାରୁ ଚରଣ ପର୍ଯ୍ୟନ୍ତ ମଣ୍ଡଳାକାର ଲଳିତ ରମଣୀୟ ମନୋହର ବନମାଳ ମାନ ଲମ୍ବିଛି । ଏମନ୍ତ ରୂପରେ ତୁମେ ଜଗତର ପାତକ ନାଶ କରୁଛ ।

ଦିନମଣି ଯେ ସୂର୍ଯ୍ୟ ତାହାର ମଣ୍ଡଳକୁ ତୁମେ ଅଳଙ୍କାର ରୂପେ ମଣ୍ଡନ କରିଛ । ସେ ସୂର୍ଯ୍ୟମଣ୍ଡଳ ମଧ୍ୟେ ପଦ୍ମାସନ ହୋଇ ହିରଣ୍ମୟ ଦେହରେ ନାନା ଅଳଙ୍କାର ଭୂଷିତ ଶଂଖ ଚକ୍ର ଧରି ସେହି ମଣ୍ଡଳକୁ ଶୋଭା କରାଇ ଜ୍ୟୋତି ପ୍ରକାଶ କରି ତ୍ରୈଲୋକ୍ୟ ମଣ୍ଡଳକୁ ମଣ୍ଡନ କରୁଛ । ଏମନ୍ତ ରୂପକୁ ଯେ ଧ୍ୟାନ କରନ୍ତି, ତାହାଙ୍କର ତୁମେ ଭବ ଯେ ସଂସାର ଖଣ୍ଡନ କର । ମୁନିଜନମାନଙ୍କର ମନ ତୁମର ପାଦପଦ୍ମାମୃତ ସରୋବରରେ ହଂସ ପ୍ରାୟ ହୋଇ କ୍ରୀଡ଼ା କରୁଅଛି । ତେଣୁ ତାଙ୍କୁ ପରମହଂସ ବୋଲି କୁହାଯାଉଛି ।

ଏଠାରେ ଲକ୍ଷ୍ୟ କରିବାର କଥା ଏହି ଯେ, ଏହି ଗୀତଟି ଗାୟତ୍ରୀ ମନ୍ତ୍ରର ଧ୍ୟାନର ଅନୁସରଣରେ ରଚିତ ହୋଇଛି । ଗାୟତ୍ରୀ ମନ୍ତ୍ରର ଧ୍ୟାନରେ କୁହାଯାଇଛି ।

**ଧ୍ୟେୟଃ ସଦା ସବିତୃମଣ୍ଡଳମଧ୍ୟବର୍ତ୍ତୀ**
**ନାରାୟଣଃ ସରସିଜାସନସନ୍ନିବିଷ୍ଟଃ ।**
**କେୟୂରବାନ୍ ମକରକୁଣ୍ଡଳବାନ୍ କିରୀଟୀ**
**ହାରୀ ହିରଣ୍ମୟବପୁଃ ଧୃତଶଂଖଚକ୍ରଃ ॥**

ସେହି ପରି ମଧ୍ୟ କୁହାଯାଇଛି, 'ଧ୍ୟାନାବସ୍ଥିତତଦ୍ ଗତେନ ମନସା ପଶ୍ୟନ୍ତି ଯଂ ଯୋଗିନଃ' ଅର୍ଥାତ୍ ଯୋଗୀମାନେ ଧ୍ୟାନରେ ସେହି ରୂପକୁ କେବଳ ଦେଖିପାରନ୍ତି । ସେହି ଯୋଗୀମାନଙ୍କୁ ପରମହଂସ କୁହାଯାଏ, ଯାହାଙ୍କର ଧ୍ୟାନରେ ପ୍ରଭୁ ଦିଶନ୍ତି ।

ପୁନଶ୍ଚ ତୁମେ ଦିନେଶ, ସୂର୍ଯ୍ୟପ୍ରାୟ ପ୍ରକାଶକ । ପଦ୍ମବନ ସୂର୍ଯ୍ୟଙ୍କୁ ଦେଖିଲେ ଯେପରି ବିକଶିତ ହୁଏ, ସେହିପରି ଉଦିତ ହେଲେ, ବ୍ୟାକୁଳ ଅନ୍ଧକାର ଭୟ ନାଶ ହୁଏ । ଆପଣ

ଯଦୁକୁଳରେ ଜନ୍ମହୋଇ ଜନ୍ମମରଣ, ଅହଙ୍କାର,ମମତ୍ୱ, ମିଥ୍ୟାଜ୍ଞାନ, ଭୟ, ବ୍ୟାକୁଳ ଇତ୍ୟାଦି ସକାଳ ଦୁଃଖ ନାଶ କଲ । ଆପଣ ଯେପରି କାଳୀୟକୁ ଦଂଶନ କଲ, ସେପରି ପ୍ରାଣୀ ଆପଣଙ୍କର ପଦାରବିନ୍ଦରେ ଶରଣ ନେଲେ,ତାହାର ମରଣରୂପ କାଳକୁ ଆପଣ ଗଂଜନ କରନ୍ତି ।

ଆପଣ ଯେପରି ଶ୍ରୀକୃଷ୍ଣ ରୂପେ ମଧୁଦୈତ୍ୟ, ମୁରଦୈତ୍ୟ ନରକାସୁରକୁ ନାଶ କଲ, ହେ ଗରୁଡ଼ାସନ, ତୁମର ଶରଣଗଲା ପ୍ରାଣୀମାନଙ୍କର ମଧୁ ଯେ ସଂସାର ମୋହ ରସ, ତାହାକୁ ବିନାଶ କର । ଆପଣ ଅସାଧୁ ମାନଙ୍କୁ କ୍ଷୟ କରି ସାଧୁ ମାନଙ୍କୁ ସ୍ୱର୍ଗାଦି ସପ୍ତଲୋକ ପ୍ରଦାନ କର ।

ହେ ନିର୍ଲେପ ସ୍ୱପ୍ରକାଶ, ପରମାନନ୍ଦ ରୂପ, ତୁମର ଲୋଚନକୁ ଯେ ଚାହାନ୍ତି, ସେହି ପ୍ରାଣୀମାନଙ୍କର ବାସନାରୂପ ସଂସାର ଦଳ ଯାହାକି ଜଡ଼, ତାହା ନାଶ ହୁଏ । ତାହା ଜନ୍ମ ମରଣାଦି ଦୁଃଖ ମୋଚନ କରେ । ଦୁଃଖ ବନ୍ଧନ କର୍ମସଂସାରରୁ ମୁକ୍ତ କରେ । ତୁମେ ବନ ଯେ ଜଳ, ତାହାର ଭବନ ଯେ ଗୃହକାର, ସମୁଦ୍ରମାନଙ୍କୁ ତଟ ରୂପେ ଆବୋରିଛ । ଜଳରୂପେ ପୂରି ପୃଥିବୀ ରୂପେ ଧରିଛ । ଏଣୁକରି ଆପଣ ଆଦି ନାରାୟଣ ।

ଜନକସୁତା ଯେ ବ୍ରହ୍ମା, ତାହାର ସୁତ ଯେ ଜୀବନ (ଜୀବ), ତାହାର ଆକୃତି ଯେ ମାୟା, ସେ ମାୟାକୁ ମହଦ୍, ବୁଦ୍ଧି, ଅହଙ୍କାର, ମନ, ପବନ, ସମୀରଣ, ତେଜ, ଜଳ ପୃଥିବୀ, ଶବ୍ଦ, ସ୍ପର୍ଶ, ରୂପ, ରସ, ଗନ୍ଧ ଇତ୍ୟାଦି ମାନଙ୍କରେ କରି ମାୟାକୁ ବେଗ କରି ତାହାକୁ ବହିଛ । ତୁମେ ମାୟା ଭୂଷଣ ଏବଂ ଅଜିତ ମଧ । ତେଣୁ ତୁମ୍ଭଙ୍କୁ ଶରଣଗଲା ପ୍ରାଣୀ ମାନଙ୍କର ଦୂଷଣ ଯେ କାଳ, ତାହାକୁ ତୁମେ ନାଶ କରି ପରମ ସୁଖ ଦିଅ । ଧର୍ମାର୍ଥ କାମ ରସ ଏଥେ ଯୁକ୍ତ ହୋଇଛି ଯେଉଁ ବିଷୟାରସ, ସେ ରସକୁ ଯିଏ ପ୍ରମାଣ କରଇ, ସେ ତୁମେ । ଦଶ ଇନ୍ଦ୍ରୟର ଶିର ଯେ ମନ, ସେ ମନକୁ ମାୟାରେ ଠକଇ ଯେ ସେ ଦଶକଣ୍ଠ । ଆପଣ ମାୟାଧୀଶ, ତେଣୁ ମାୟା ଆପଣଙ୍କର ଅଧୀନ ।

ହେ ଦେବ, ତୁମେ ଅଭିନବ ଅର୍ଥାତ୍ ସର୍ବପ୍ରକାରେ ନିତ୍ୟନୂତନ । ଭକ୍ତ ପ୍ରତିପାଳନ ରୂପ ହୋଇ ଭକ୍ତକୁ ସନ୍ତୋଷ କର । ତୁମେ ନବ ଜଳଧର । ଏ ପୃଥିବୀରେ ଯେଉଁ ନବ ପ୍ରକାର ଜଳଧର ଅଛି, ଯଥା ଲବଣ, ଇକ୍ଷୁ, ସୁରା, ସର୍ପି, ଦଧି, ଦୁଗ୍ଧ, ସ୍ୱାଦୁ, ଜଳ, କାରୁଣ୍ୟଜଳ (ଗଂଗା) ଏତେକ ଜଳଧିକୁ ତୁମେ କୂର୍ମରୂପ ହୋଇ ଧାରଣ କରିଛ । ତୁମେ ସୁନ୍ଦର, ମାୟାଜିତ, ଜଗନ୍ମୋହନ । ତୁମେ ସମୁଦ୍ର ମନ୍ଥନ କାଳରେ ମନ୍ଦରକୁ ଧାରଣ କରିଛ । ତୁମେ ଶ୍ରୀ ଯେ ମହାଲକ୍ଷ୍ମୀ, ତାଙ୍କର ମୁଖଚନ୍ଦ୍ର ଚକୋର । ଚକୋର ଯେପରି ଚନ୍ଦ୍ରକୁ ଚାହିଁ ଜିଏଁ, ଲକ୍ଷ୍ମୀ ସେପରି ତୁମର ମୁଖଚନ୍ଦ୍ରକୁ ଚାହିଁ ଜୀବନ ବହନ କରନ୍ତି । କବିଙ୍କ ଭାଷାରେ :-

**ପଦ୍ମାପୟୋଧରତଟୀପରିରମ୍ଭଲଗ୍ନ-**
**କାଶ୍ମୀରମୁଦ୍ରିତମୁରୋ ମଧୁସୂଦନସ୍ୟ**
**ବ୍ୟକ୍ତାନୁରାଗମିବ ଖେଳଦନଙ୍ଗଖେଦ-**
**ସ୍ୱେଦାମ୍ବୁପୂରମନୁପୂରୟତୁ ପ୍ରିୟଂ ବଃ (୧/୧୦)**

ଏହାର ଓଡ଼ିଆ ଅର୍ଥ ହେଲା :-

**ରମାବଦନ ବିଧୁକୁ ଚକୋର କି ଜାଣି**
**ପଦ୍ମାପୟୋଧର ତଟ ଆଲିଙ୍ଗନ କରି**
**ହୃଦୟକୁଙ୍କୁମାଙ୍କିତେ ପ୍ରମୋଦ ମୁରାରି**
**ମନ ଅନୁରାଗ କିଏ ହୋଇଛି ବାହାର**
**କାମଖେଦ କଳେବର ପୁରେ ସ୍ୱେଦନୀର**

ଶେଷରେ ଜୟଦେବ କବି କହୁଛନ୍ତି, ହେ ବୈଷ୍ଣବଜନମାନେ, ତୁମେ ଏ ଗୀତ ଶୁଣ । ଏହା ପରମହର୍ଷ କରେ, ସକଳ ଦୁଃଖକୁ ଖଣ୍ଡନ କରେ, ମଙ୍ଗଳ କରେ, ଅମଙ୍ଗଳ ନାଶ କରେ, ଉଜ୍ଜ୍ୱଳ ଅଟେ । ଶୁଣିବା ମାତ୍ରେ ଏହା ଅନ୍ତଃକରଣକୁ ନିର୍ମଳ କରେ ।

ପୁଣି ଗୀତ ୩ରେ କହୁଛନ୍ତି, ସେ କୃଷ୍ଣଙ୍କର ମହିମା କିପରି ? ସେ ହରି, ହରଣଶୀଳ ଅର୍ଥାତ୍ ଆପଣାର ଶରଣାଗତ ପ୍ରାଣୀମାନଙ୍କର ଆର୍ତ୍ତ ହରଣ କରୁଥିବାରୁ ତାଙ୍କ ନାମ ହରି । ସେ ଲିଙ୍ଗ ଯେ ଦେହ, ତାହାର କାରଣ ଯେ କର୍ମ, ଏ ଦୁଇ ପଦକୁ ଯେ ହରଣ କରନ୍ତି, ସେ ହରି । ସେ ହରି ବଡ଼ ଦୟାଳୁ । ସ୍ଥାବର, ଜଂଗମ, କୀଟ ପତଙ୍ଗ - ଏମାନଙ୍କର ଅବିଦ୍ୟା ନାଶ କରି ଆନନ୍ଦ କୈବଲ୍ୟ ମୋକ୍ଷ ଦେବା ଅର୍ଥରେ ସେ କାମକ୍ରୀଡ଼ା ଦେଖାଉଛନ୍ତି । ଏ ଭୂମିରେ ସ୍ଥାବରାଦି ଯେତେ ଜୀବ ହେତୁମାନେ ବସିଛନ୍ତି, ସେ ଦେହମାନଙ୍କର ଅତି ସୂକ୍ଷ୍ମ ମନୋମୟ ଆତ୍ମାରୂପ ହୋଇ, ତହିଁରେ ବିହାର କରି କ୍ରୀଡ଼ା କରୁଛନ୍ତି । ଯୁବତୀ ଜନ ଯେ ଇନ୍ଦ୍ରିୟଗଣ, ତାହାଙ୍କ ସଙ୍ଗରେ କ୍ରୀଡ଼ା କରୁଛନ୍ତି । ସେ ହରି ବିରହୀ ଜନ ମାନଙ୍କର ଅର୍ଥାତ୍ ସଂସାର, ମଧ୍ୟେ ଯେଉଁମାନେ ସଂସାରୀ ତାହାଙ୍କର ଦୂରରେ ଥାନ୍ତି । ବୈଷ୍ଣବ ଜନମାନଙ୍କର ସମୀପରେ ଥାଆନ୍ତି, ଅର୍ଥାତ୍ ସ୍ୱଭକ୍ତ ଜନମାନଙ୍କର ସମୀପରେ ଥାନ୍ତି ।

ଗୀତ ୪ରେ କହୁଛନ୍ତି, ସେହି ହରିର କ୍ରୀଡ଼ା ରସକେଳିରେ ଧର୍ମାଦି ଚତୁର୍ବର୍ଗ ପୂରି ରହିଛି । ସେହି ହରି ଆତ୍ମ ସ୍ୱରୂପ ହୋଇ ସଂସାରକୁ ବିଷୟ କ୍ରୀଡ଼ାରେ ମୋହ କରାଉଛନ୍ତି ।

ସେ ହରି ସ୍ୱଭାବେ ନିର୍ଲେପ, ନିରଞ୍ଜନ, ତଥାପି ସଂସାରୀମାନଙ୍କୁ ତାରିବା ନିମନ୍ତେ କ୍ରୀଡ଼ା କରୁଛନ୍ତି । ସେ ହରି ଚନ୍ଦନ ଚର୍ଚ୍ଚିତ, ନୀଳକଳେବର ପୀତ ବସନ ପରିଧାନ କରିଛନ୍ତି, ତାଙ୍କର ଗଳାରେ ବନମାଳା ଲମ୍ବିଛି । କ୍ରୀଡ଼ା ଚଞ୍ଚଳ କରି ତାଙ୍କର ମଣିମୟ ମକରାକୃତି କୁଣ୍ଡଳ କର୍ଣ୍ଣମଣ୍ଡିତ କରିଛି । ସେ ଅଟ୍ଟହାସ ଯୁକ୍ତ ମୁଖ କରି ଗୋପୀମାନଙ୍କୁ ରମଣ କରୁଅଛନ୍ତି ।

ଜୟଦେବ କବି କହୁଛନ୍ତି, ହେ ବୈଷ୍ଣବ ଜନମାନେ, ଶୁଣ, ତୁମେମାନେ ଯେବେ ଗନ୍ଧର୍ବ ଗୀତଗାନ କଳାରେ କୁଶଳୀ ହେବାକୁ ବିଚାରିବ, ତେବେ ଏ ଗୀତଗୋବିନ୍ଦ ଅଭ୍ୟାସ କର । ଯେବେ ନିରନ୍ତର ଧ୍ୟାନ ଯୋଗ ଭଜିବ, ତେବେ ଏଥେଁ ପାଇବ, ଯେବେ ବୈଷ୍ଣବ ହୋଇବ, ତ ଏଥେଁ ପାଇବ । ଯେବେ ଶୃଙ୍ଗାର ରସ ଜାଣିବ, ତ ଏ ଅଭ୍ୟାସ କର । ଯେବେ କାବ୍ୟରସ ଜାଣିବ, ତ ଏ ଅଭ୍ୟାସ କର । ଏମନ୍ତ ବାଞ୍ଛା ଯେଉଁ ଜୟଦେବ କବିଙ୍କର ବଚନରେ ଅଛି, ସେ ଜୟଦେବ କୃଷ୍ଣର ଏକ ଆତ୍ମା ଅଟଇ । ତାହାଙ୍କର ଗୀତରେ ସୁବୁଦ୍ଧି ଲୋକମାନେ ସାନନ୍ଦ ହୋଇ ପରିଶୋଧନ କରି ସବୁ ପାଇବେ ।

ଗୀତଗୋବିନ୍ଦରେ ପ୍ରଦତ୍ତ ଏହି ଶ୍ଳୋକଟି ତଳେ ଦିଆଗଲା ।

**ଯଦ୍ ଗାନ୍ଧର୍ବ କଳାସୁ କୌଶଳମନୁ**
**ଧ୍ୟାନଞ୍ଚ ଯଦ୍ ବୈଷ୍ଣବଂ**
**ଯତ୍ ଶୃଙ୍ଗାରବିବେକତତ୍ତ୍ୱମପି ଯତ୍**
**କାବ୍ୟେଷୁ ଲୀଳାୟିତମ୍**
**ତତ୍ସର୍ବଂ ଜୟଦେବପଣ୍ଡିତକବେଃ**
**କୃଷ୍ଣୈକତାନାତ୍ମନଃ**
**ସାନନ୍ଦାଃ - ପରିଶୋଧୟନ୍ତୁ ସୁଧିୟଃ**
**ଶ୍ରୀଗୀତଗୋବିନ୍ଦତଃ (୧୨/୧୨)**

ଅତଏବ ଜୟଦେବ କବି ଜଗନ୍ନାଥପ୍ରାଣ ଥିଲେ । ସେ ତାଙ୍କର ପୁରୀ ରହଣିକାଳ ମଧ୍ୟରେ ଶ୍ରୀମନ୍ଦିର ସମ୍ମୁଖରେ ଶ୍ରୀନିମ୍ବାର୍କଙ୍କ ଦ୍ୱାରା ପ୍ରତିଷ୍ଠିତ ରାଧାବଲ୍ଲଭ ମଠରେ ରହି ଶ୍ରୀଗୀତଗୋବିନ୍ଦ ରଚନା କରିବାକୁ ସୁଯୋଗ ପାଇଥିଲେ । ଶ୍ରୀ ନିମ୍ବାର୍କ ଶ୍ରୀଜଗନ୍ନାଥଙ୍କୁ କୃଷ୍ଣ ଭାବରେ ବଳଦେବଙ୍କୁ କୃଷ୍ଣାନନ୍ଦ ଭାବରେ ଏବଂ ସୁଭଦ୍ରାଙ୍କୁ ଭକ୍ତି ଭାବରେ ବନ୍ଦନା କରିବାରୁ ଜୟଦେବ କୃଷ୍ଣଗତ ପ୍ରାଣ ବୋଲି କହି ଶ୍ରୀଗୀତଗୋବିନ୍ଦ ପରିସମାପ୍ତି କଲେ । ଶ୍ରୀ ଜଗନ୍ନାଥ ମୂର୍ତ୍ତି ଶୁକ୍ଳ କୃଷ୍ଣର ସମନ୍ୱୟ ହୋଇଥିବାରୁ ତାଙ୍କୁ ରାଧାମାଧବଙ୍କର ମିଳିତ ତନୁ ଭାବରେ ଗ୍ରହଣ କରି ଜୟଦେବ ତାଙ୍କ ଗୀତଗୋବିନ୍ଦରେ 'ରାଧାମାଧବୟୋଃ' ବୋଲି ଦର୍ଶାଇଲେ । ସେହି ସମୟରୁ ରାଧାକୃଷ୍ଣଙ୍କର ଯୁଗଳ ମୂର୍ତ୍ତିର ପରିକଳ୍ପନା ଓଡ଼ିଶାରେ ପ୍ରଚଳିତ ହେଲା । ତାଙ୍କ ଦ୍ୱାରା ପ୍ରଣୀତ ଗୀତଗୋବିନ୍ଦରେ ରାଧାକୃଷ୍ଣ ଲକ୍ଷ୍ମୀନାରାୟଣ (ନାରାୟଣ) ସମନ୍ୱିତ ହୋଇ ବହୁ ସ୍ଥାନରେ ରାଧାକୃଷ୍ଣଙ୍କ ସ୍ଥାନରେ ଲକ୍ଷ୍ମୀ ନାରାୟଣ ଲୋକଲୋଚନକୁ ଆସିଲେ । ଦଶାବତାର ସ୍ତୋତ୍ରରେ 'ଜୟ ଜଗଦୀଶ ହରେ' ପଦ ଯୋଡ଼ି ଜୟଦେବ କୃଷ୍ଣଙ୍କୁ ଜଗନ୍ନାଥଙ୍କ ସହିତ ସମନ୍ୱିତ କରିଦେଲେ । ସେ ପଦ୍ମାପତି ପଦ୍ମାଙ୍କର ମୁଖ ଦର୍ଶନ ଲାଳସୀ ଇତ୍ୟାଦି ପଦମାନ ଯୋଡ଼ି ପଦ୍ମାଙ୍କ ସହିତ ନାରାୟଣଙ୍କର ରସସିକ୍ତ ସ୍ନେହକୁ ମଧ୍ୟ ପ୍ରଦର୍ଶିତ କଲେ । ବସ୍ତୁତଃ ଶ୍ରୀ ଗୀତଗୋବିନ୍ଦ ଜଗନ୍ନାଥଙ୍କର ଏତେ ପ୍ରିୟ ହେଲା ଯେ, ମହାପ୍ରଭୁ ଗୀତଗୋବିନ୍ଦ ନ ଶୁଣିଲେ ତାଙ୍କୁ ନିଦ ଆସିଲାନି । ଫଳରେ ମନ୍ଦିରରେ ଗୀତଗୋବିନ୍ଦ ସେବା ସହିତ, ଗୀତ ଗୋବିନ୍ଦ ଖଣ୍ଡୁଆ ପାଟରେ ମହାପ୍ରଭୁ ବଡ଼ଶୃଙ୍ଗାର ବେଶରେ ସୁସଜ୍ଜିତ ହେଲେ । ତେଣୁ ଯଥାର୍ଥରେ କୁହାଯାଇପାରେ, ଜଗନ୍ନାଥପ୍ରାଣ ଜୟଦେବ ଗୀତଗୋବିନ୍ଦ ମାଧ୍ୟମରେ ଜଗନ୍ନାଥଙ୍କୁ ହିଁ ଦେଖି ପାରିଛନ୍ତି ।

❒❒❒

**ପରୀକ୍ଷା ନିୟନ୍ତ୍ରକ**
**ଶ୍ରୀଜଗନ୍ନାଥ ବିଶ୍ୱବିଦ୍ୟାଳୟ, ପୁରୀ**

**ସହାୟକ ଗ୍ରନ୍ଥ ସୂଚୀ**

୧. ଶ୍ରୀ ଗୀତଗୋବିନ୍ଦ (ଜଗନ୍ନାଥ ମିଶ୍ର ଟୀକା), ସଂସ୍କୃତି ନିର୍ଦ୍ଦେଶାଳୟ, ଓଡ଼ିଶା - ୧୯୯୬
୨. ସନ୍ଥ ଭକ୍ତି ସାହିତ୍ୟ - ଚିତ୍ତରଂଜନ ଦାସ, ଓଡ଼ିଆ ସାହିତ୍ୟ ଏକାଡେ଼ମୀ, ଭୁବନେଶ୍ୱର, ୧୯୮୨
୩. ସ୍କନ୍ଦ ପୁରାଣ - ବାବାଜି ଚୈତନ୍ୟ ଚରଣ ଦାସ
୪. ସ୍କନ୍ଦ ପୁରାଣ - ପଣ୍ଡିତ ହରିହର ମିଶ୍ର
୫. ଶ୍ରୀ ଜଗନ୍ନାଥ ଭକ୍ତ ଚରିତମାଳା - ଡ଼ଃ ରାମଚନ୍ଦ୍ର ମିଶ୍ର, ଏସ୍.ବି.ପବ୍ଲିକେଶନ, କଟକ
୬. ଅତିବଡ଼ି - ଅତିବଡ଼ି ସ୍ମୃତି କମିଟି, ପୁରୀ - ୨୦୦୩
୭. ବିଶ୍ୱ ଓଡ଼ିଆ ସମ୍ମିଳନୀ ସ୍ମାରକୀ ଗ୍ରନ୍ଥ -୧୯୯୨
୮. ଉତ୍କଳ ପ୍ରସଙ୍ଗ - ମେ ୧୯୯୨, ଜୁନ୍ ୨୦୦୦
୯. Dr. R.N. Panda & G.C. Panda Contribution of Orissa to Sanskrit Literature - 1994.